ତାଳଚେର ମେଡିକାଲ୍ କଲେଜ ପ୍ରସଙ୍ଗ

# ବିଧାନସଭା ଆଗରେ ଧାରଣା, ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ତାଳଚେର,୧୯ ।୨(ସମିସ):

ତାଳଚେରସ୍ଥିତ ପବିତ୍ର ମୋହନ ମେଡିକାଲ୍ କଲେଜରେ ଆନ୍ତଃ ଓ ବାହ୍ୟ ରୋଗୀ ଚିକିତ୍ସା ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଧବାର ବିଧାନସଭା ସମ୍ମୁଖରେ ଧାରଣା ଦିଆଯାଇଥିଲା । ରାଜ୍ୟ ସରକାର ବୈମାତୃକ ପୋଷଣ କରି ମେଡିକାଲ କଲେଜ ଓ ଡାକ୍ତରଖାନାକୁ ତାଳଚେରରୁ ଅନୁଗୋଳ ଜିଲ୍ଲା ମେଡିକାଲ୍‌କୁ ସ୍ଥାନାନ୍ତର କରିଛନ୍ତି । ଏହି ନିଷ୍ପତ୍ତିର ପୁନର୍ବିଚାର କରି ତାଳଚେରରେ ମେଡିକାଲ କଲେଜ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ବହୁବାର ଦାବି କରାଯାଇଛି । ପୂର୍ବରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ମଧ୍ୟ ଦିଆଯାଇଥିଲା । ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଆଜକୁ ୪୧ ଦିନ ହେବ ଚାଲୁ ରହିଛି । ବିଧାନସଭା ସମ୍ମୁଖରେ ଧାରଣାସ୍ଥଳରୁ ସାଧାରଣ ସମ୍ପାଦକ ବିଜୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ସଚିବଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଧାରଣାରେ କମିଟିର କାର୍ଯ୍ୟକାରୀ ସଭାପତି ଅଭୟ ପାଣି, କେଶବ ଭୁଡିଆ, ଦିଗମ୍ବର ଗଡ଼ନାୟକ, ଭୂପେନ୍ ଥମ୍ବ, ଶୋଭାଗିନୀ ଦେବୀ, ପ୍ରଫୁଲ୍ଲ ନାଏକ, ଚୈତନ୍ୟ ପ୍ରଧାନ, ବିଭୂତି ପଟ୍ଟନାୟକ, ସୁକାନ୍ତ ଦାସ, ବିଜୟ ମିଶ୍ର, ନରେନ୍ ସିଂ, ପ୍ରେମାନନ୍ଦ ମହାନ୍ତି, ପ୍ରହ୍ଲାଦ ସାହୁ, ପରମାନନ୍ଦ ସାହୁ, ସଞ୍ଜୀବ ନାଏକ, ଦୁଷ୍ମନ୍ତ କାଞ୍ଜି, ଗଗନ ବିହାରୀ ଦାସ, ଡିଲେଶ୍ୱର ପ୍ରଧାନ, ସୁରଥ ରଥ, ସନ୍ତୋଷ ମହାପାତ୍ର, ରମାକାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

## ମହୋତ୍ସବ ସ୍ମରଣିକା ନିମନ୍ତେ ଲେଖା ଆହ୍ୱାନ

ଅନୁଗୋଳ,୧୯ ।୨(ସମିସ): ଅନୁଗୋଳ ଜିଲ୍ଲା ମହୋତ୍ସବ-୨୦୨୬ ଉପଲକ୍ଷେ ସ୍ମରଣିକା ପ୍ରକାଶ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଲେଖା ଆହ୍ୱାନ କରାଯାଇଛି । ସାଧାରଣ ଲେଖକ, ଗବେଷକ, ଶିକ୍ଷକ, ଛାତ୍ରଛାତ୍ରୀ ଓ ସାହିତ୍ୟ ପ୍ରେମୀମାନେ ଜିଲ୍ଲାର ସଂସ୍କୃତି, ଐତିହ୍ୟ, ଇତିହାସ, ସାହିତ୍ୟ, ଅର୍ଥନୈତିକ ବିକାଶ, ପର୍ଯ୍ୟଟନ, ଲୋକ ପରମ୍ପରା, ପ୍ରସିଦ୍ଧ ବ୍ୟକ୍ତିତ୍ୱ, ଶିଳ୍ପ ଓ କୃଷି କ୍ଷେତ୍ରରେ ଅବଦାନ ଇତ୍ୟାଦି ବିଷୟରେ ଲେଖା ପଠାଇ ପାରିବେ । ଲେଖାଗୁଡ଼ିକ ଉଚ୍ଚମାନର ତଥା ୫୦୦ ଶବ୍ଦ ମଧ୍ୟରେ ହୋଇଥିବା ଆବଶ୍ୟକ । ଏଥିସହ ନିଜସ୍ୱ ତଥା କୌଣସି ପତ୍ରପତ୍ରିକାରେ ପ୍ରକାଶ ହୋଇ ନ ଥିବା ଆବଶ୍ୟକ । ଇଚ୍ଛୁକ ଲେଖକମାନେ ଆସନ୍ତା ୨୮ ତାରିଖ ସୁଦ୍ଧା ଲେଖାର ସଫ୍ଟ କପି ଇ-ମେଲ cultureofficeangul@gmail.comକୁ ପ୍ରେରଣ କରିବା ସହ ହାର୍ଡ କପି ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟରେ ଜମା କରିବାକୁ ଅନୁରୋଧ କରାଯାଇଛି । ସମ୍ପାଦକ ମଣ୍ଡଳୀ ଦ୍ୱାରା ସମୀକ୍ଷା କରାଯାଇ ଶ୍ରେଷ୍ଠ ଲେଖାଗୁଡ଼ିକୁ ସ୍ମରଣିକା ନିମନ୍ତେ ଚୟନ କରାଯିବ ।

## ସିପିପି କୋଲ ଟ୍ରାନ୍ସପୋର୍ଟ ଫାଟକ ସମ୍ମୁଖରେ ଟ୍ରକ ମାଲିକଙ୍କ ଆନ୍ଦୋଳନ



ଅନୁଗୋଳ,୧୯ ।୨(ସମିସ): କୋଇଲା ଟ୍ରକ ମାଲିକ ସଂଘ ପକ୍ଷରୁ ନାଲକୋ ସିପିପି କୋଲ ଟ୍ରାନ୍ସପୋର୍ଟ ଫାଟକ ନିକଟରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯାଇଛି । ନାଲକୋ ପାରିପାର୍ଶ୍ୱିକ ଟ୍ରକ ମାଲିକ ସଂଘ ପକ୍ଷରୁ ନାଲକୋ ନିକଟରେ ଟ୍ରକ ଚାଳକଙ୍କ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସମାଧାନର ବାଟ ନ ବାହାରିବାରୁ ବୁଧବାର ସକାଳୁ ଆନ୍ଦୋଳନରେ ବସିଛନ୍ତି । ଟ୍ରକ ମାଲିକ ସଂଘର ଅଭିଯୋଗ ଅନୁଯାୟୀ କୋଇଲା ଖାଲି କରିସାରିବା ପରେ ଟ୍ରକ୍‌ଗୁଡ଼ିକୁ ବାହାରକୁ ନ ଛାଡ଼ିବା ଦ୍ୱାରା ଟ୍ରକ୍ ଚାଳକମାନେ ଖାଇବା ପିଇବା ଓ ଗାଡ଼ି ମରାମତି କରିପାରୁ ନାହାନ୍ତି । ଫଳରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଆନ୍ଦୋଳନ ଫଳରେ ନାଲକୋ ପରିସରକୁ କୋଇଲା ପରିବହନ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି ।

## ହାଇୱା ଧକ୍କାରେ ବାଇକ୍ ଚାଳକ ମୃତ



ବଅଁରପାଳ,୧୯ ।୨(ସମିସ): ୫୫ନମ୍ବର ଜାତୀୟ ରାଜପଥର ବଅଁରପାଳ ଥାନା ନୂଆହତା ପଞ୍ଚାୟତରେ ହାଇୱା ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ତାଳଚେର ଏନଟିପିସି ଶରଧାପୁରର କୃଷ୍ଣ ଭୁତିଆଙ୍କ ୨୨ ବର୍ଷୀୟ ପୁଅ ସିଲୁ ଭୁତିଆ । ସିଲୁ ଜଣେ ଭିଡିଓଗ୍ରାଫର । ସେ ତାଳଚେର ପିକେ ଷ୍ଟୁଡିଓରେ କାମ କରନ୍ତି । ଗୁରୁବାର କୌଣସି କାମରେ ବାଇକ୍ ଯୋଗେ ବଅଁରପାଳ ଦେଇ ଯାଉଥିବା ବେଳେ ଏକ ହାଇୱା ତାଙ୍କୁ ଧକ୍କା ଦେଇଥିଲା । ସ୍ଥାନୀୟ ଲୋକଙ୍କ ସହାୟତାରେ ବଅଁରପାଳ ଥାନା ପୁଲିସ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ । ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଛି । ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ି ଜବତ କରି ତଦନ୍ତ ଚଳାଇଛି ।

## ୨ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ବିଧାୟକଙ୍କ ଦାବିପତ୍ର



ପାଲଲହଡ଼ା,୧୯ ।୨(ସମିସ): ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଗୁରୁବାର ବିଧାନସଭା ପ୍ରକୋଷ୍ଠରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଶିଶୁ ବିକାଶ ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଭେଟି ରାଜ୍ୟର ଦ୍ୱିତୀୟ ଚିଲିକା ଓ ଖୁଲୁଡ଼ି ବାବା ଗିରିଶ୍ୱର ମନ୍ଦିରକୁ ପ୍ରମୁଖ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇଥିବାରୁ ଧନ୍ୟବାଦ ଜଣାଇଛନ୍ତି । ଉଭୟ ପର୍ଯ୍ୟଟନସ୍ଥଳୀକୁ ବିକଶିତ କରିବା ସହ ରେଙ୍ଗାଳି ଡ୍ୟାମ, ବୁଲାଝର, କହେଁଇ ଜେନା, ମଗର ନାକକୁ ସ୍ୱତନ୍ତ୍ର ଆର୍ଥିକ ସହଯୋଗ ଦେବାକୁ ଅନୁରୋଧ କରିଛନ୍ତି । ଉପମୁଖ୍ୟମନ୍ତ୍ରୀ ଆସନ୍ତା ମାସରେ ପାଲଲହଡ଼ା ଆସିବା ଏହି ସବୁ ପର୍ଯ୍ୟଟନସ୍ଥଳୀ ବୁଲି ଦେଖିବା ସହ ଏଗୁଡ଼ିକର ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବିଧାୟକ ଅନୁରୋଧ କରିଛନ୍ତି ।

● ପାଲଲହଡ଼ା ବିଜେଡିର ସାଧାରଣ ବୈଠକ

## ଏନଏସି ନିର୍ବାଚନ ପାଇଁ ୱାର୍ଡ ପୁନର୍ଗଠନରେ ପରିବର୍ତ୍ତନ ଦାବି

ପାଲଲହଡ଼ା,୧୯ ।୨(ସମିସ): ପାଲଲହଡ଼ା ବ୍ଲକ ନିଜିଗଡ଼ ପଞ୍ଚାୟତରେ ନୂଆ ଏନ୍‌ଏସି ଗଠନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତିରେ ନିଜିଗଡ଼ ପଞ୍ଚାୟତ ବାଲିପସୀ ଏବଂ ଈଶ୍ୱରନଗର ପଞ୍ଚାୟତର ୧୬ ଗାଁକୁ ନେଇ ଏନ୍‌ଏସିର ୧୧ଟି ୱାର୍ଡ କରାଯାଇଛି । ତେବେ ୱାର୍ଡ ଗଠନରେ ତ୍ରୁଟି ରହିଛି ଏବଂ ଏହାର ପୁନର୍ବିଚାର କରିବା ପାଇଁ ଅନୁଗୋଳ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯିବ ବୋଲି ବୁଧବାର ପାଲଲହଡ଼ା ବିଜେଡିର ସାଧାରଣ ବୈଠକରେ ନିଷ୍ପତ୍ତି ହୋଇଛି । ପୂର୍ବତନ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଳଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା । ବାଲିପସୀ ପଞ୍ଚାୟତ ଯୁଗୀମୁଣ୍ଡା ପୁନର୍ଗଠନରେ ସାମିଲ ହେବନାହିଁ । ଦ୍ୱିବେଦୀ କଲୋନୀର ୱାର୍ଡକୁ ବାରହାକୁଦାର ଓ ନୂଆ ସିଡିଙ୍ଗରେ ସାମିଲ କରିବା ଓ ତଳ ସାହିର ୱାର୍ଡକୁ ବଦଳାଇବାକୁ ବିଜେଡି ଦାବି ଉଠାଇବ ବୋଲି ବୈଠକରେ ନିଷ୍ପତ୍ତି ହେଇଛି । ବୈଠକରେ ପାଲଲହଡ଼ା ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ, ଜିଲ୍ଲା ପରିଷଦ ସଦସ୍ୟା ସାବିତ୍ରୀ ମାଝୀ, ବ୍ଲକ ବିଜେଡି ସମ୍ପାଦକ ନରେନ୍ଦ୍ର ଭୁକ୍ତା, ଦିଲୀପ କୁମାର ଉଦଓବଳଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ ।

## ଅନୁଗୋଳ କଲେଜ୍‌ରେ ସମୀକ୍ଷା ବୈଠକ



ଅନୁଗୋଳ,୧୯ ।୨(ସମିସ): ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଡ. ବସନ୍ତ କୁମାର ସାହୁ ଦାୟିତ୍ୱ ନେବା ପରେ କର୍ମଚାରୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ କଲେଜ୍‌ର ଉନ୍ନତି ଓ ସୁପରିଚାଳନା ପାଇଁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା । ଅଧ୍ୟକ୍ଷ ଡ. ସାହୁ କହିଥିଲେ ଯେ କଲେଜ୍ ପରିସରରେ କୌଣସି ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ । ଅଧ୍ୟାପକମାନେ ନିୟମିତ ଶିକ୍ଷାଦାନ ଓ କର୍ମଚାରୀମାନେ ସମୟାନୁବର୍ତ୍ତୀ ହେବା ଦିଗରେ ଧ୍ୟାନ ଦେବେ । ଖୁବ୍‌ଶୀଘ୍ର ବିଭାଗୀୟ ମୁଖ୍ୟମାନଙ୍କ ଏକ ବୈଠକ ଡାକି ବିଶେଷ କରି ୟୁଜି ଓ ପିଜି ପିଲାଙ୍କ ପାଠପଢ଼ାରେ ଉନ୍ନତି ଦିଗରେ ଧ୍ୟାନ ଦିଆଯିବ ବୋଲି କହିଥିଲେ । କଲେଜ୍‌ରେ ଅଧିକ ଶ୍ରେଣୀ କୋଠରିର ଆବଶ୍ୟକତା ରହିଛି । ତଳିଆ କର୍ମଚାରୀଙ୍କ ଆବଶ୍ୟକତା ମଧ୍ୟ ଅଛି । ପରିମଳ ବ୍ୟବସ୍ଥା, ପାନୀୟ ଜଳ ସୁବିଧା ପ୍ରତି ମଧ୍ୟ ଦୃଷ୍ଟି ଦିଆଯିବ । କଲେଜ୍‌ର ସୁନାମ କିଭଳି ବଢ଼ିବ ଏବଂ ଏହାର ପରିବେଶକୁ ସବୁଜ ସୁନ୍ଦର କରିବା ପାଇଁ ସେ ଯଥାସମ୍ଭବ ଉଦ୍ୟମ କରିବେ ବୋଲି ପ୍ରକାଶ କରିଥିଲେ ।

● ରେଙ୍ଗାଳି କପ ଟୁର୍ଣ୍ଣାମେଣ୍ଟ

## କାମାକ୍ଷାନଗରକୁ ହରାଇ ଦେବଗଡ଼ ଚାମ୍ପିଅନ




କଣିହାଁ,୧୯ ।୨(ସମିସ): କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ହାଇସ୍କୁଲ ଖେଳ ପଡ଼ିଆରେ ପ୍ରୋଜେକ୍ଟ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ରେଙ୍ଗାଳି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦଯାପିତ ହୋଇଛି । ଫାଇନାଲ ମ୍ୟାଚ ଦେବଗଡ଼ ବାମଣ୍ଡା କ୍ଲବ ଓ କାମାକ୍ଷାନଗର ମଡର୍ଣ୍ଣ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଦେବଗଡ଼ ଦଳ ବିଜୟୀ ହୋଇ ଚାମ୍ପିଅନ ହୋଇଛି । ଦେବଗଡ଼ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୬୯ ରନ କରିଥିଲା । ଜବାବରେ କାମାକ୍ଷାନଗର ଦଳ ୧୨୫ ରନ କରି ସମସ୍ତ ୱିକେଟ ହରାଇଥିଲା । ଦେବଗଡ଼ ଦଳର ଜିତେନ୍ଦ୍ର କୁମାର ବିଶ୍ୱାଳ ମ୍ୟାନ ଅଫ ଦି ମ୍ୟାଚ ଓ କାମାକ୍ଷାନଗରର ଲକି ଦାସ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ । ବୀରେଶ ପତି ଓ ଐଶ୍ୱର୍ଯ୍ୟ ରଞ୍ଜନ ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ । ମୁଖ୍ୟଅତିଥି ଭାବେ ବିଜେପି ଜିଲ୍ଲା ଉପସଭାପତି ନୃସିଂହ ବରାଳ, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ତ୍ରିପୁରାରି ପ୍ରଧାନ, ପୃଥ୍ୱୀରାଜ ଜେନା, ପ୍ରୋଜେକ୍ଟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗିରିଧାରୀ ବାରିକ, ସମାଜସେବୀ ଧୃବଚରଣ ଧୀର ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ । ସୁଧାକର ସାମଲ ମଞ୍ଚ ପରିଚାଳନା କରିଥିଲେ । ରେଙ୍ଗାଳି ପ୍ରୋଜେକ୍ଟ କ୍ରିକେଟ କ୍ଲବ ସଭାପତି ବୀରେଶ ଚନ୍ଦ୍ର ପତି ସମେତ ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

## ଗଣମାଧ୍ୟମ ପ୍ରତିନିଧିଙ୍କୁ ମରଣାନ୍ତକ ଆକ୍ରମଣ



ତାଳଚେର,୧୯ ।୨(ସମିସ): ତାଳଚେର ଟାଉନଥାନା ସନ୍ଥପଡ଼ା ଗ୍ରାମର ଗଣମାଧ୍ୟମ ପ୍ରତିନିଧି ବାପି ଭୁକ୍ତା (୨୮)ଙ୍କୁ ଗୁରୁବାର ୬ଜଣ ମୁଖାପିନ୍ଧା ଦୁର୍ବୃତ୍ତ ବ୍ରାହ୍ମଣୀ ନଦୀ ଘାଟରେ ମରଣାନ୍ତକ ଆକ୍ରମଣ କରି ଲହୁଲୁହାଣ କରିଛନ୍ତି । ତାଙ୍କ ହାତ, ମୁଣ୍ଡ, ଗୋଡ଼ ସମେତ ଶରୀରର ଅନ୍ୟାନ୍ୟ ଅଂଶକୁ ଦୁର୍ବୃତ୍ତମାନେ ଧାରୁଆ ଅସ୍ତ୍ରରେ ହାଣି ଦେଇଛନ୍ତି । ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ବାପି ବିଭିନ୍ନ ସମୟରେ ସତ୍ୟ ଖବରମାନ ପ୍ରକାଶିତ କରି ଚର୍ଚ୍ଚାର ପରିସରକୁ ଆସିଥାନ୍ତି । ଏହାକୁ କେନ୍ଦ୍ରକରି ତାଙ୍କ ଆକ୍ରମଣ ହୋଇଥିବା କୁହାଯାଉଛି । ତୁରନ୍ତ ଦୁର୍ବୃତ୍ତମାନଙ୍କୁ ପୁଲିସ୍ ଗିରଫ କରିବାକୁ ସାମ୍ବାଦିକ ମହଲରେ ଦାବି ହେଉଛି ।

■ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଭଙ୍ଗାରୁଜା ମାମଲା

## କାର୍ଯ୍ୟାନୁଷ୍ଠାନ ଓ ମୂର୍ତ୍ତି ପୁନଃସ୍ଥାପନ ଦାବି



ଅନୁଗୋଳ,୧୯ ।୨(ସମିସ): ଜାନୁଆରୀ ୨୩ ତାରିଖ ଅନୁଗୋଳ ଜିଲ୍ଲା ପରତରା ଗାଁରେ ସବର୍ଣ୍ଣମାନେ ଅସବର୍ଣ୍ଣ ଲୋକଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାରେ ଉପଜିଲ୍ଲାପାଳଙ୍କ ଆବାହକତ୍ୱରେ ଶାନ୍ତି କମିଟି ଡକାଯାଇ ସବର୍ଣ୍ଣମାନେ ଆଗକୁ ଆଉ ଗଣ୍ଡଗୋଳ ନ କରିବାକୁ ରାଜି ହୋଇଥିଲେ । ତେବେ ସେହିଦିନଠାରୁ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସେଠାରେ ଭଗ୍ନ ଅବସ୍ଥାରେ ପଡ଼ି ରହିଛି । ପ୍ରତିମୂର୍ତ୍ତିକୁ ପୁନଃ ସ୍ଥାପନ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ । ଏ ଦିଗରେ ପ୍ରଶାସନ ମଧ୍ୟ ନିରବଦ୍ରଷ୍ଟା ସାଜିଛି । ସେହିପରି ଦୋଷୀମାନେ ମଧ୍ୟ ଗିରଫ ହୋଇନାହାନ୍ତି । ଏହି ଘଟଣା ସାରା ଓଡ଼ିଶାର ଆମ୍ବେଦକରପ୍ରେମୀ ତଥା ଅନୁସୂଚିତ ଜାତି ଜନଜାତି ଲୋକଙ୍କୁ ଗଭୀର ଆଘାତ ଦେଉଛି । ଦୋଷୀମାନଙ୍କୁ ତୁରନ୍ତ ଗିରଫ ଏବଂ ବାବାସାହେବଙ୍କ ପ୍ରତିମୂର୍ତ୍ତିକୁ ଶୀଘ୍ର ପୁନଃସ୍ଥାପନ କରିବାକୁ ଜିଲ୍ଲାର ସମସ୍ତ ଆମ୍ବେଦକରବାଦୀ ସଂଗଠନ ଦୃଢ଼ ଦାବି କରିଛନ୍ତି । ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ଓ ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଆମ୍ବେଦକର ସଂଗ୍ରାମ ସମିତି ପକ୍ଷରୁ ଚେତାବନୀ ଦିଆଯାଇଛି । ଏ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ବାବାସାହେବ ଆମ୍ବେଦକର ଫାଉଣ୍ଡେସନ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ଗୌତମ ଏକ ପ୍ରେସ ବିଜ୍ଞପ୍ତିରେ ଏହି ସୂଚନା ଦେଇଛନ୍ତି ।

## ପରୀକ୍ଷା ପାଇଁ ନୋ ଏଣ୍ଟ୍ରି ଲାଗୁ

ଅନୁଗୋଳ,୧୯ ।୨(ସମିସ): ଚଳିତ ଯୁକ୍ତ ଦୁଇ ଓ ମାଟ୍ରିକ ପରୀକ୍ଷାକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀଙ୍କ ଯାତାୟାତ ସୁବିଧା ପାଇଁ ଅନୁଗୋଳ ଜିଲ୍ଲାପାଳ ଅବ୍ଦାଲ ଏମ ଅଖତର୍ ଫେବୃଆରୀ ୧୯ରୁ ମାର୍ଚ୍ଚ ୧୯ ଯାଏଁ ବିଭିନ୍ନ ରାସ୍ତାରେ ନୋ ଏଣ୍ଟ୍ରି ଲାଗୁ କରିଛନ୍ତି । ଓଏମଭି ରୁଲ୍ ୧୯୭୫ ଅନୁଯାୟୀ ଜିଲ୍ଲାପାଳ ୫୫ ନମ୍ବର ଜାତୀୟ ରାଜପଥର ବଅଁରପାଳରୁ ଅନୁଗୋଳ ଏବଂ ୧୪୯ନଂ ଜାତୀୟ ରାଜପଥର ବଅଁରପାଳରୁ ତାଳଚେର ପର୍ଯ୍ୟନ୍ତ ସକାଳ ୬ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ଉପରେ ନିଷେଧାଦେଶ ଜାରି କରିଛନ୍ତି ।

■ ଜଗନ୍ନାଥ ପାର୍କ ନିର୍ମାଣ

## ଦୁଇ ଶ୍ରମିକ ଓ ଜଣେ ମିସ୍ତ୍ରିରେ ଚାଲିଛି କାର୍ଯ୍ୟ



ତାଳଚେର,୧୯ ।୨(ସମିସ): ତାଳଚେର ପୌରପରିଷଦ ପକ୍ଷରୁ ସହରବାସୀଙ୍କ ଅବସର ବିନୋଦନ ପାଇଁ ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ପ୍ରଦୀପ ପଟ୍ଟନାୟକ ଜଗନ୍ନାଥ ମନ୍ଦିର ନିକଟରେ ପୌର ପରିଷଦର ନିଜସ୍ୱ ପାଣ୍ଠି ବିନିଯୋଗରେ ଏକ ପାର୍କ ନିର୍ମାଣ କରିଥିଲେ । ୨୦୦୭ରେ ଏହି ପାର୍କ ଉଦଘାଟିତ ହୋଇଥିଲା । ତେବେ ରକ୍ଷଣବେକ୍ଷଣା ଅଭାବରୁ ସମୟ କ୍ରମେ ଏହି ପାର୍କ ଜରାଜୀର୍ଣ୍ଣ ହୋଇପଡ଼ିଥିଲା । ପରେ ଜିଲ୍ଲା ଖଣିଜ ପାଣ୍ଠିରୁ ଅର୍ଥ ବିନିଯୋଗରେ ଏହାର ନିର୍ମାଣ କାର୍ଯ୍ୟ ଗତ ଏକମାସ ହେବ ଆରମ୍ଭ ହୋଇଛି । ତେବେ ମାତ୍ର ଦୁଇଜଣ ଶ୍ରମିକ ଓ ଜଣେ ମିସ୍ତ୍ରିରେ କାର୍ଯ୍ୟ ଚାଲିଥିବାରୁ ଏହି କାର୍ଯ୍ୟ କେତେ ବର୍ଷରେ ସମ୍ପୂର୍ଣ୍ଣ ହେବ ତାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରଶ୍ନ ଉଙ୍କି ମାରୁଛି । ଏପରିକି ପାର୍କରେ ପୂର୍ବରୁ ଲଗାଯାଇଥିବା ଲୁହା ଚେୟାର ଓ ଅନ୍ୟାନ୍ୟ ସାମଗ୍ରୀ କୁଆଡ଼େ ଗଲା ବୋଲି ପ୍ରଶ୍ନ ଉଠିଛି । ଉପଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

କେବେ ହେବ ସମ୍ପୂର୍ଣ୍ଣ?

## ମନ୍ଦିରକୁ ୬.୪୦ ଏକର ଜମି ଦାନ କଲେ ପୂର୍ବତନ ସରପଞ୍ଚ

ପାଲଲହଡ଼ା,୧୯ ।୨(ସମିସ): ଶ୍ରୀ ବଳଦେବଜୀଉ ମନ୍ଦିରକୁ ନିଜର ସମସ୍ତ ୬.୪୦ ଏକର ଜମି ଦାନ କରି ଚର୍ଚ୍ଚାର ପରିସରକୁ ଆସିଛନ୍ତି ପୂର୍ବତନ ସରପଞ୍ଚ ଅମରେନ୍ଦ୍ର ନାରାୟଣ ଦିଲେଶ୍ୱର ପ୍ରଧାନ (୭୫) । ରଞ୍ଜଣା ମୌଜା ଗୁରୁସୁଲେଇ ଗ୍ରାମର ସ୍ୱର୍ଗତ ଗୋପାଳ ପ୍ରଧାନଙ୍କ ପୁଅ ଦିଲେଶ୍ୱର ବର୍ତ୍ତମାନ ପାଲଲହଡ଼ାରେ ରହିଛନ୍ତି । ବଳଦେବଜୀଉଙ୍କୁ ନିଜ ଜମି ଦାନ କରିବା ପାଇଁ ସେ ଗତ ୪ ତାରିଖ ପାଲଲହଡ଼ା ଦେବୋତ୍ତର କମିଟି ସଭାପତି ଉପଜିଲ୍ଲାପାଳ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ପଟେଲଙ୍କୁ ଆବେଦନ କରିଥିଲେ । ଆବେଦନକୁ ଗତ ୬ ତାରିଖ ମନ୍ଦିର ପରାମର୍ଶଦାତା କମିଟି ବୈଠକରେ ଉପସ୍ଥାପନ କରାଯାଇଥିଲା । ସମସ୍ତ ସଦସ୍ୟ ଏହି ମହତ୍ କାର୍ଯ୍ୟକୁ ସ୍ୱାଗତ କରି କୃତଜ୍ଞତା ପ୍ରକାଶ କରିବା ସହ ଆବେଦନକୁ ଅନୁମୋଦନ କରିଥିଲେ । ଉପଜିଲ୍ଲାପାଳ ପଟେଲ ଏହି ପ୍ରକ୍ରିୟାକୁ ତୁରନ୍ତ ସମ୍ପନ୍ନ କରିବାକୁ ଉପ-ନିବନ୍ଧକଙ୍କୁ ପତ୍ର ଲେଖିଥିଲେ । ବୁଧବାର ଏହି ପ୍ରକ୍ରିୟା ସମ୍ପନ୍ନ ହୋଇଛି । ଜମି ରେକର୍ଡ ମନ୍ଦିରକୁ ହସ୍ତାନ୍ତର ହୋଇଛି । ଏଥିସହ ଦିଲେଶ୍ୱରଙ୍କ ବାର୍ଦ୍ଧକ୍ୟ ଏବଂ ଅସହାୟ ଅବସ୍ଥାକୁ ଦୃଷ୍ଟିରେ ରଖି କମିଟି ସମସ୍ତ ସହାୟତା ପ୍ରଦାନ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

ତୁଷାରକାନ୍ତ ହତ୍ୟାକାଣ୍ଡ ମାମଲା

# ଜେଲରେ ଦେଇଥିବା ଧାର ଟଙ୍କାକୁ ନେଇ ହତ୍ୟା

## ଅଭିଯୁକ୍ତ ଗିରଫ



ଅନୁଗୋଳ,୧୯ ।୨(ସମିସ):

ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ଭେଜିଡିହ ଗାଁ ନିକଟ ରାସ୍ତା ପାର୍ଶ୍ୱରେ ହୋଇଥିବା ହତ୍ୟାକାଣ୍ଡ ଉପରୁ ପୁଲିସ ପରଦା ହଟାଇଛି । ଉଭୟ ଜେଲରେ ଥିବା ବେଳେ ଟଙ୍କା ନେଣଦେଣ କରିଥିଲେ । ଏହି ଧାର ଟଙ୍କା ପାଇଁ ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି । ଗତ ୧୩ ତାରିଖ ରାତି ୮ଟାରେ ବାଗଡ଼ିଆ ଗ୍ରାମର ତୁଷାରକାନ୍ତ ଦେହୁରୀଙ୍କୁ କେହି ହତ୍ୟାକରି ଫେରାର ହୋଇ ଯାଇଥିଲା । ଏ ନେଇ ପୁଲିସ ମାମଲ ରୁଜୁ କରି ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିଲା । ପୁଲିସ ତୁଷାରକାନ୍ତଙ୍କ ମୋବାଇଲରୁ ହତ୍ୟାକାଣ୍ଡ ସମ୍ପର୍କରେ କିଛି ପ୍ରମାଣ ପାଇବା ପରେ ହତ୍ୟାକାରୀକୁ ଗିରଫ କରିବାରେ ସଫଳ ହୋଇଛି । ଗିରଫ ଅଭିଯୁକ୍ତ ହେଲେ ବାଗଡିଆ ଥାନା ଭେଜିଡିହ ଗ୍ରାମର ଲୋକନାଥ ସାହୁ । ପୁଲିସ ଲୋକନାଥଙ୍କୁ ଭୁବନେଶ୍ୱରରୁ ଗିରଫ କରି ପଚରାଉଚରା କରିଥିଲା । ଏଥିସହ ଘଟଣାସ୍ଥଳକୁ ଆଣି ସିନ୍ ରିକ୍ରିଏସନ ବେଳେ ଲୋକନାଥ କିପରି କେଉଁ ସ୍ଥାନରେ ହତ୍ୟା କରିଥିଲା ଏବଂ କିପରି ହତ୍ୟାରେ ବ୍ୟବହୃତ ଭୁଜାଲିକୁ ଲୁଚାଇଥିଲା ସେ ସମ୍ପର୍କରେ ବଖାଣିଥିଲା । ଜଣେ ନାବାଳକ ଆତ୍ମହତ୍ୟା ଘଟଣାରେ ନାବାଳକକୁ ପ୍ରବର୍ତ୍ତାଇବା ଅପରାଧରେ ଲୋକନାଥ ଜେଲରେ ଥିବା ବେଳେ ତୁଷାରକାନ୍ତ ନିଜ ମା'କୁ ହତ୍ୟାକରି ଜେଲ ଯାଇଥିଲା । ଜେଲରେ ଉଭୟଙ୍କ ବନ୍ଧୁତା ବଢ଼ିଥିଲା । ଲୋକନାଥ ଜେଲରେ ତୁଷାରକାନ୍ତଙ୍କଠାରୁ ଟଙ୍କା ଧାର ଆଣିଥିଲା । ଜେଲରୁ ଉଭୟ ବାହାରିବା ପରେ ଏହି ଧାର ଟଙ୍କା ନେଇ ତୁଷାରକାନ୍ତ ଓ ଲୋକନାଥଙ୍କ ମଧ୍ୟରେ ଅନେକ ଥର ଝଗଡ଼ା ହୋଇଛି । ସେହି ଟଙ୍କାକୁ ନେଇ ଗତ ଶୁକ୍ରବାର ତୁଷାରକାନ୍ତ ଭେଜିଡିହ ଗାଁକୁ ଆସି ଲୋକନାଥଙ୍କୁ ଗାଳିଗୁଲଜ କରିଥିଲେ । ଏଥିରେ ଲୋକନାଥ ଉତ୍ତ୍ୟକ୍ତ ହୋଇ ତୁଷାରକାନ୍ତଙ୍କୁ ରାସ୍ତାରୁ ହଟାଇବା ପାଇଁ ଏକ ବୁଲେଟରେ ଭୁବନେଶ୍ୱରରୁ ଗାଁ ଆସିବା ବେଳେ ଅନୁଗୋଳରୁ ଆଉ ଜଣେ ଜେଲ ଫେରନ୍ତା ଯୁବକଙ୍କୁ ନେଇ ଭେଜିଡିହ ଆସିଥିଲେ । ସେଠାରେ ସେ ତୁଷାରକାନ୍ତଙ୍କୁ ଦେଖିବା ପରେ ବଚସା ହେବା ସହ ଭୁଜାଲିରେ ହତ୍ୟା କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଯିବା ରାସ୍ତାରେ ଆଉଁଳି ନଦୀରେ ଭୁଜାଲି ଓ ରକ୍ତଭିଜା କପଡ଼ା ଲୁଚାଇ ଫେରାର ହୋଇଯାଇଥିଲେ । ପୁଲିସ ହତ୍ୟାରେ ବ୍ୟବହୃତ ଛୁରୀ ଓ ଏକ ବୁଲେଟ ଜବତ କରିଛି । ଲୋକନାଥଙ୍କୁ କୋର୍ଟ ଚାଲାଣ କରାଯାଇଛି ।



ସକାଳ
THE SAKALA



# ମାଟ୍ରିକ ପରୀକ୍ଷା ଆରମ୍ଭ
# ପ୍ରଥମ ଦିନରେ ପରୀକ୍ଷା ଦେଲେ ୧୯,୪୭୨ ଛାତ୍ରଛାତ୍ରୀ

କେନ୍ଦ୍ରାପଡ଼ା,୧୯ ।୨(ସମିସ):

ଆଜି ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଛି । ପ୍ରଥମ ଦିବସରେ ମାତୃଭାଷା ଓଡ଼ିଆ ବିଷୟ ପରୀକ୍ଷା ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି । ଜିଲ୍ଲାର ୧୦୭ଟି ପରୀକ୍ଷା କେନ୍ଦ୍ରରେ୧୯,୪୭୨ ଜଣ ଛାତ୍ରଛାତ୍ରୀ ଓଡ଼ିଆ ବିଷୟରେ ପରୀକ୍ଷା ଦେଇଛନ୍ତି । ସାଧାରଣବର୍ଗରେ୧୯,୩୦୧ଜଣପରୀକ୍ଷାର୍ଥୀ ଫର୍ମପୂରଣକରିଥିବାବେଳେସେରୁ ୧୯,୦୨୯ ଜଣ ପରୀକ୍ଷା ଦେଇଥିଲେ ଓ ୨୭୨ ଜଣ ଅନୁପସ୍ଥିତ ଥିଲେ । ସେହିପରି ମଧ୍ୟମା ବର୍ଗର ୨୬୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୨୭ ଜଣ ପରୀକ୍ଷା ଦେଇଥିବାବେଳେ ୩୬ ଜଣ ଅନୁପସ୍ଥିତ ଥିଲେ । ଏଥିସହ ଓପନ ସ୍କୁଲ ବର୍ଗର ୨୪୯ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୧୬ ଜଣ ପରୀକ୍ଷା ଦେଇଥିଲେ ଓ ୩୩ ଜଣ ଅନୁପସ୍ଥିତ ଥିବା ଜଣାପଡ଼ିଛି ।

ସମସ୍ତ ପରୀକ୍ଷା କେନ୍ଦ୍ରରେ କଡ଼ା ନିରୀକ୍ଷଣ ବ୍ୟବସ୍ଥା, ସିସିଟିଭି ନଜରଦାରୀ ଓ ପୁଲିସ ସୁରକ୍ଷା ମଧ୍ୟରେ ପରୀକ୍ଷା ସୁଚାରୁ ଭାବେ ପରିଚାଳିତ ହୋଇଥିଲା । ପରୀକ୍ଷାର ସ୍ୱଚ୍ଛତା ଓ ଶୃଙ୍ଖଳା ରକ୍ଷା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ପ୍ରୟୋଜନୀୟ ବ୍ୟବସ୍ଥା କରାଯାଇଥିଲା । ଜିଲ୍ଲାର କୌଣସି ପରୀକ୍ଷା କେନ୍ଦ୍ରରେ କପି କରିବା ଘଟଣା ଧରାପଡ଼ି ନ ଥିବାବେଳେ ପରୀକ୍ଷା ସଫଳ ଓ ନିର୍ବିଘ୍ନ ଭାବେ ସମ୍ପନ୍ନ ହୋଇଥିବା ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ସୂଚନା ଦେଇଛନ୍ତି । ପ୍ରଥମ ଦିବସର ପରୀକ୍ଷା ଶୃଙ୍ଖଳିତ ଭାବେ ଶେଷ ହୋଇଥିବାରୁ ଅଭିଭାବକ, ଶିକ୍ଷକ ଓ ପ୍ରଶାସନ ପକ୍ଷରୁ ସନ୍ତୋଷ ପ୍ରକାଶ ପାଇଥିବାବେଳେ ଆଗାମୀ ପରୀକ୍ଷା ଏଭଳି ସୁଚାରୁ ଭାବେ ପରିଚାଳନା କରାଯିବ ବୋଲି ଶିକ୍ଷା ବିଭାଗ ପକ୍ଷରୁ ଆଶା ପ୍ରକାଶ କରାଯାଇଛି ।

## ରାଜନଗରର ୧୪ କେନ୍ଦ୍ରରେ ୩୦୦୧ ପରୀକ୍ଷାର୍ଥୀ

ରାଜନଗର: ଆଜିଠାରୁ ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା । ରାଜନଗର ବ୍ଲକ୍‌ର



୧୪ଟି କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହେଉଛି । ୧୪ଟି ପରୀକ୍ଷା କେନ୍ଦ୍ରରେ ୨୮୬୨ ଜଣ ରେଗୁଲାର, ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ଓ ୧୩୯ ଜଣ ମଧ୍ୟମା ପରୀକ୍ଷାର୍ଥୀ ମୋଟ ୩୦୦୧ ଜଣ ପରୀକ୍ଷା ଦେବା କଥା । ତେବେ ପ୍ରଥମ ଦିନ ଭାଷା ପରୀକ୍ଷାରେ ୭୨ ଜଣ ଅନୁପସ୍ଥିତ ଥିବାବେଳେ ୨୯୨୯ ଜଣ ପରୀକ୍ଷା ଦେଇଛନ୍ତି । ୬୦ ଜଣ ମାଟ୍ରିକ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବାବେଳେ ୧୨ ଜଣ ମଧ୍ୟମା ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି ।

## ପାଟକୁରା ଉଚ୍ଚବିଦ୍ୟାଳୟ କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା

ଗରଦପୁର: ପାଟକୁରା ସରକାରୀ ଉଚ୍ଚବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷାର ପ୍ରଥମ ଭାଷା ବିଷୟର ପରୀକ୍ଷା ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି ।



ଏଥିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଏହି କେନ୍ଦ୍ରରେ ମୋଟ ୧୭୭ ଜଣ ପରୀକ୍ଷାର୍ଥୀ ନାମଭର୍ତ୍ତି ହୋଇଥିବାବେଳେ ୧୭୬ ଜଣ ପରୀକ୍ଷା ଦେଇଥିଲେ । ମାତ୍ର ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ । ଏହି କେନ୍ଦ୍ରରେ ଆଖୁଆଓଡ଼ଙ୍ଗ ଉଚ୍ଚ ବିଦ୍ୟାଳୟ, ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟ, ପଞ୍ଚାୟତ ନାଗମଣୀ ଉଚ୍ଚ ବିଦ୍ୟାଳୟ (ହରିଦାସହପୁର), କାଳିଆଘାଇ ନଟବର ଉଚ୍ଚ ବିଦ୍ୟାଳୟ ଓ ପାଖଡ଼ ବିଦ୍ୟାଳୟ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପାଟକୁରା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ରୀନାବାଳା ମହାନ୍ତି ସୁପରିଣ୍ଟେଣ୍ଡେଣ୍ଟ ଭାବେ ଦାୟିତ୍ୱ ନିର୍ବାହ କରିଥିବାବେଳେ ଶିକ୍ଷୟିତ୍ରୀ ମାମୁନି ସାହୁ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଭାବେ କାର୍ଯ୍ୟରତ ଥିଲେ । ବରିଷ୍ଠ ଶିକ୍ଷକ ସୁଶାନ୍ତ ବେହେରା ନୋଡାଲ ଅଫିସର ଓ ଶିକ୍ଷକ ସୁଧାଂଶୁ ଶେଖର ସାହୁ ଡେପୁଟି ନୋଡାଲ ଭାବେ ଦାୟିତ୍ୱ ପାଳନ କରିଥିଲେ ।

## ମହାକାଳପଡ଼ା ଶିକ୍ଷାମଣ୍ଡଳରେ ୬୩ ଅନୁପସ୍ଥିତ

ମହାକାଳପଡ଼ା: ମହାକାଳପଡ଼ା ଶିକ୍ଷାମଣ୍ଡଳ ଅଧୀନରେ ମାଧ୍ୟମିକ ଶିକ୍ଷା



ପରିଷଦ ପକ୍ଷରୁ ଆରମ୍ଭ ହୋଇଥିବା ମାଟ୍ରିକ ପରୀକ୍ଷାର ପ୍ରଥମ ଦିବସ କେନ୍ଦ୍ରାପଡ଼ା ଜିଲ୍ଲାରେ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି । ମହାକାଳପଡା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ସର୍ବାଧିକ ୬୩ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବାବେଳେ ବୀଣାପାଣି ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୫୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୭ ଜଣ ଅନୁପସ୍ଥିତ ରହିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ଏତେ ସଂଖ୍ୟାରେ ପରୀକ୍ଷାର୍ଥୀ ଅନୁପସ୍ଥିତ ହେବାର କାରଣ ନେଇ ତଦନ୍ତ ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ଶ୍ରୀଶ୍ରୀ ଲକ୍ଷ୍ମୀନାରାୟଣ ଉଚ୍ଚବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ମାରୁତି ୟୁଥ ସେବା ଟ୍ରଷ୍ଟ ପକ୍ଷରୁ ପରୀକ୍ଷାର୍ଥୀଙ୍କୁ କଲମ ବଣ୍ଟନ କରାଯାଇ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା ।

## ୯ କେନ୍ଦ୍ରରେ ୨୫ ଅନୁପସ୍ଥିତ

ଡେରାବିଶ: ଆଜିଥିଲା ମାଟ୍ରିକ ପରୀକ୍ଷାର ପ୍ରଥମ ଦିନ । ବ୍ଲକ୍ ଅଞ୍ଚଳରେ ୯ ଟି କେନ୍ଦ୍ରରେ ପରୀକ୍ଷା ଦେବାକୁ ଥିବା ୧୮୬୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ



୨୫ ଜଣ ଅନୁପସ୍ଥିତ ଥିବା ଜଣାପଡ଼ିଛି । ଗୋଲରାହାଟ ପଞ୍ଚାୟତ ଅର୍ନ୍ତଗତ ଡେରାବିଶ ହାଇସ୍କୁଲରେ ସର୍ବାଧିକ ୧୬ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ । ଏହି କେନ୍ଦ୍ରରେ ରେଗୁଲାର ୨୦୧, ଏକ୍ସରେଗୁଲାର ଜଣେ ଓ ୧୫ ଜଣ ମଧ୍ୟମା ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବାବେଳେ ୩ ଜଣ ରେଗୁଲାର ଓ ୧୩ ଜଣ ମଧ୍ୟମା ଛାତ୍ରଛାତ୍ରୀ ପରୀକ୍ଷା କେନ୍ଦ୍ରରେ ଅନୁପସ୍ଥିତ ଥିଲେ । ବିବି ମଡ଼େଲ ହାଇସ୍କୁଲରେ ୨୪୪ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩ ଜଣ, ବଳଭଦ୍ରପୁରସ୍ଥ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠରେ ୨୨୬ରୁ ୨ ଜଣ, ବେଲାରପୁରସ୍ଥ ଭଗବତୀ ବିଦ୍ୟାପୀଠରେ ୨୫୧ରୁ ଜଣେ, ଠାକୁରହାଟସ୍ଥ ସୁଦର୍ଶନ ନୋଡାଲ ହାଇସ୍କୁଲରେ ୧୮୫ରୁ ୨ ଜଣ, ଅଢ଼ଙ୍ଗା ମଲ୍ଲିକେଶ୍ୱରପୁରସ୍ଥ ମଲ୍ଲୀକେଶ୍ୱର ହାଇସ୍କୁଲରେ ୧୯୮ ଜଣ ରେଗୁଲାର ଓ ୭ ଜଣ ମଧ୍ୟମା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଜଣେ ମ୍ଧମା ଛାତ୍ର ଅନୁପସ୍ଥିତ ଥିଲେ ।

## ପରୀକ୍ଷା ସମୟରେ ଗାଡ଼ି ଚଳାଚଳ ବନ୍ଦ ଦାବି



ପଞ୍ଚୁପାଣ୍ଡବ: ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅର୍ନ୍ତଗତ ଭଗବତୀ ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପରୀକ୍ଷାର ଥିଲା ପ୍ରଥମଦିନ । ଏହି ପରୀକ୍ଷା କେନ୍ଦ୍ର ରାସ୍ତା ପାଶ୍ୱର୍ରେ ଥିବାରୁ ପରୀକ୍ଷା ସମୟରେ ଗାଡ଼ି ଚଳାଚଳ କଟକଣା କରିବାକୁ ଅଭିଭାବକ ଦାବି କରିଛନ୍ତି । ଏହି ରାସ୍ତାଦେଇ ବିଭିନ୍ନ ପ୍ରକାର ଶତାଧିକ ଗାଡ଼ି ଯାତାୟାତ କରୁଛନ୍ତି । ପରୀକ୍ଷା ସମୟରେ ଗାଡ଼ି ଚଳାଚଳ କଲେ ଛାତ୍ରଛାତ୍ରୀଙ୍କୁ ପରୀକ୍ଷାରେ ବାଧା ସୃଷ୍ଟି କରିବ ବୋଲି ଅଭିଭାବକ କହିଛନ୍ତି । ପରୀକ୍ଷାର୍ଥୀଙ୍କ ସହ ଆସୁଥିବା ଅଭିଭାବକଙ୍କ ଗାଡ଼ି ରାସ୍ତାରେ ଜାମ କରୁଥିବା ଦେଖିବାକୁ ମିଳୁଛି । ବିଦ୍ୟାଳୟ ସାମ୍ନାରେ ଥିବା ଖେଳ ପଡିଆରେ ଗାଡ଼ି ମଟର ରଖିବା ପାଇଁ ଅଭିଭାବକଙ୍କୁ ବିଦ୍ୟାଳୟ ତରଫରୁ କୁହାଯାଇଛି । ଭଗବତୀ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ପାଞ୍ଚଟି ବିଦ୍ୟାଳୟର ୨୫୧ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଅର୍ଦ୍ଧେଶ୍ୱର୍ ହାଇସ୍କୁଲର ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ପ୍ରଧାନ ଶିକ୍ଷକ କମଳାକାନ୍ତ ସାହୁ କହିଛନ୍ତି ।

---

● ଗର୍ଭବତୀ ପ୍ରେମିକାକୁ ବସ୍‌ଷ୍ଟାଣ୍ଡରେ ଛାଡ଼ି ପ୍ରେମିକ ଫେରାର

# ପ୍ରେମିକ ସମେତ ୪ ଅଭିଯୁକ୍ତ ଗିରଫ

କେନ୍ଦ୍ରାପଡ଼ା,୧୯।୨(ସମିସ): ପ୍ରେମର ମିଠା କଥାରେ ଭୁଲାଇ ପ୍ରେମିକାକୁ ଦେହ ବ୍ୟବସାୟରେ ଲଗାଇବା ଓ ପରେ ଗର୍ଭବତୀ ଅବସ୍ଥାରେ ତାଙ୍କୁ ବସଷ୍ଟାଣ୍ଡରେ ଛାଡି ପଳାଇବା ଘଟଣା କେନ୍ଦ୍ରାପଡ଼ା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି । ଏହି ମାମଲାରେ ପୁଲିସ ପ୍ରେମିକ ସମେତ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧୀନ ଅରୁଆକଦଳୀବଣ ଗ୍ରାମର ବାପି ରାହୁଲ ମଳିକ (୩୦), ମାର୍ଶାଘାଇ ଥାନା ଅଧୀନ କରଞ୍ଜ ଗ୍ରାମର ହିରଣ୍ୟ ମଳିକ (୩୬), ଆଇତିପୁର ଗ୍ରାମର ଅମିତ ମଳିକ (୧୯) ଓ କରମକୂଳ ଗ୍ରାମର ଗଙ୍ଗାଧର ମଳିକ (୧୯) ବୋଲି ଜଣାପଡ଼ିଛି । ପୁଲିସ ସୂଚନା ମୁତାବକ, ରାହୁଲ ପଡ଼ୋଶୀ ଜିଲ୍ଲାର ଯୁବତୀଙ୍କ ସହ ଫେସବୁକରେ ପରିଚିତ ହୋଇଥିଲେ । ଏହି ପରିଚୟ ପ୍ରେମ ସମ୍ପର୍କରେ ପରିଣତ ହୋଇଥିଲା । ୩ ମାସ ପୂର୍ବରୁ ଯୁବତୀ ଘରୁ ପଳାଇ ଆସି ପ୍ରେମିକଙ୍କ ସହ ରହୁଥିଲେ । ରାହୁଲ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟ ଏକ ଲଜରେ ରଖି ଦେହ ବ୍ୟବସାୟରେ ଲଗାଇଥିଲେ । କେବଳ ଏତିକି ନୁହେଁ, ରାହୁଲ ଓ ତାଙ୍କ ସହଯୋଗୀ ବିହାର, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗରୁ ଯୁବତୀଙ୍କୁ ଆଣି ଏହି ଅବୈଧ କାରବାର କରୁଥିବା ପୋଲିସ ତଦନ୍ତରୁ ଜଣାପଡିଛି । ଏହି ସମୟରେ ପୀଡିତା ଗର୍ଭବତୀ ହୋଇଥିଲେ । ଗର୍ଭବତୀ ଅବସ୍ଥାରେ ମଧ ତାଙ୍କୁ ଜୋର ଜବରଦସ୍ତ ଦେହ ବ୍ୟବସାୟରେ ଲଗାଯାଉଥିଲା । ଶାରୀରିକ ଅସୁସ୍ଥତା କାରଣରୁ ସେ ଅଧିକ କାମ କରିପାରୁନଥିବାରୁ ରାହୁଲ ତାଙ୍କୁ ନୂଆ ବସଷ୍ଟାଣ୍ଡରେ ଛାଡି ଫେରାର ହୋଇଯାଇଥିଲେ । ପୁଲିସ ଯୁବତୀଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା । ତାଙ୍କ ବୟାନ ଆଧାରରେ ପୁଲିସ ପ୍ରଥମେ ରାହୁଲକୁ ଗିରଫ କରିଥିଲା । ପରେ ତାଙ୍କ ସ୍ୱୀକାରୋକ୍ତି ଆଧାରରେ ଅନ୍ୟ ୩ ସହଯୋଗୀଙ୍କୁ ଗିରଫ କରାଯାଇଥିଲା । ସଦର ଥାନାଧିକାରୀ କାଦମ୍ବିନୀ ପ୍ରଧାନଙ୍କ କହିବା ଅନୁଯାୟୀ, ଅଭିଯୁକ୍ତମାନେ ପଚରାଉଚରା ବେଳେ ଦେହ ବ୍ୟବସାୟରେ ଲିପ୍ତ ଥିବା କଥା ସ୍ୱୀକାର କରିଛନ୍ତି । ଏହି ରାକେଟର ଅନ୍ୟମାନଙ୍କୁ ଧରିବାକୁ ତଦନ୍ତ ଜାରି ରଖିଛି ।

## ଶିକ୍ଷକଙ୍କ ପରଲୋକ



ଡେରାବିଶ, ୧୯।୨(ସମିସ): ବାଲିଆ ପଞ୍ଚାୟତ ଅନ୍ତର୍ଗତ ଦେଶପୁର ଗ୍ରାମର ଶିକ୍ଷାବିତ୍ ସୁବାସ ଚନ୍ଦ୍ର କର (୬୭)ଙ୍କ ଆଜି ପରଲୋକ ହୋଇଯାଇଛି । ସେ ୧୯୮୩ରେ ପ୍ରଥମେ ଦୁମୁକାହାଟସ୍ଥ ଡେରାବିଶ ହାଇସ୍କୁଲ ଓ ପରେ ୨୦୨୦ରୁ ଠାକୁରହାଟସ୍ଥ ସୁଦର୍ଶନ ହାଇସ୍କୁଲରେ କାର୍ଯ୍ୟରତ ଥାଇ ୨୦୨୧ରେ ଅବସର ଗ୍ରହଣ କରିଥିଲେ । ଗତ ଏକମାସ ହେବ ମସ୍ତିଷ୍କାଘାତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ । ଆଜି ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି । ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ପୁଅ ସୌମ୍ୟରଞ୍ଜନ ମୁଖାଗ୍ନି ଦେଇଥିଲେ ।

---

ମୁଖ୍ୟ ରାସ୍ତା ଷ୍ଟ୍ରିଟ୍‌ଲାଇଟ୍ ଅଚଳ

# ମରାମତି ପାଇଁ ଯୁବ କଂଗ୍ରେସର ଦାବି

କେନ୍ଦ୍ରାପଡ଼ା,୧୯।୨(ସମିସ): କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ବିଭିନ୍ନ ସ୍ଥାନରେ ଲାଗିଥିବା ଷ୍ଟ୍ରିଟ୍‌ଲାଇଟ୍ ଦୀର୍ଘଦିନ ଧରି ଅଚଳ ହୋଇପଡ଼ିଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ସମସ୍ୟାର ସ୍ଥାୟୀ ସମାଧାନ ସହ ତୁରନ୍ତ ମରାମତି ଓ ନୂତନ ଷ୍ଟ୍ରିଟ୍‌ଲାଇଟ୍ ସ୍ଥାପନ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଗୁଲନଗର ଛକରୁ କପାଳେଶ୍ୱର ପଞ୍ଚାୟତ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ୨୦୨୦-୨୧ ଆର୍ଥିକ ବର୍ଷରେ ବିଧାୟକ ଓ ସାଂସଦଙ୍କ ଉନ୍ନୟନ ପାଣ୍ଠିରୁ ଷ୍ଟ୍ରିଟ୍‌ଲାଇଟ୍ ସ୍ଥାପନ କରାଯାଇଥିଲା । ପ୍ରଥମେ ଏହାର ଦାୟିତ୍ୱ ରାସ୍ତା ଓ ଗୃହନିର୍ମାଣ ବିଭାଗ-୧କୁ ଦିଆଯାଇଥିଲା । ପରେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଗୁଲନଗର ଓ କପାଳେଶ୍ୱର ପଞ୍ଚାୟତକୁ



ହସ୍ତାନ୍ତର କରାଯାଇଥିଲା । କିଛି ମାସ ସଠିକ ଭାବେ ଚାଲିବା ପରେ ଲାଇଟ୍‌ରେ ତ୍ରୁଟି ଦେଖାଦେଇଥିଲା । ପରେ ମରାମତି କରାଯାଇଥିଲେ ମଧ ଗତ କିଛି ମାସ ହେବ ଏହା ପୁନର୍ବାର ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇପଡ଼ିଛି । ସେହିପରି ଗରାପୁର କୋଠି ଛକରୁ କାଳୀ ମନ୍ଦିର ଛକ ପର୍ଯ୍ୟନ୍ତ ଥିବା ଷ୍ଟ୍ରିଟ୍‌ଲାଇଟ୍ ବନ୍ଦ ହୋଇଥିବାରୁ ରାତ୍ରି ସମୟରେ ଯାତାୟାତରେ ଅସୁବିଧା ହେଉଛି । ଯୁବ କଂଗ୍ରେସ ନେତା ଉମେଶ ପାଢ଼ୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣା ଜେନାଙ୍କୁ ଭେଟି ସମସ୍ୟା ବିଷୟରେ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶୀଘ୍ର ବିଡିଓ ଓ ସଂପୃକ୍ତ ପଞ୍ଚାୟତ ପ୍ରତିନିଧିଙ୍କ ସହ ଆଲୋଚନା କରି ଲାଇଟ୍ ମରାମତି ଓ ସ୍ଥାପନ ପାଇଁ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏ ଅବସରରେ ଅର୍ବାନ ବ୍ୟାଙ୍କ ନିର୍ଦ୍ଦେଶକ ରଶ୍ମିରଞ୍ଜନ ଚୌଧୁରୀ, ଜିଲ୍ଲା ଯୁବ କଂଗ୍ରେସ ସୋସିଆଲ ମିଡିଆ ଅଧକ୍ଷ ହିମାଂଶୁ ନନ୍ଦ, ବଳରାମ ଦାସ ଓ ଛାତ୍ରନେତା ହିମାଂଶୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ତାଡିଲେ ମହିଳା, ଭାଙ୍ଗିଲେ ମଦ ଦୋକାନ



ରାଜକନିକା,୧୯।୨(ସମିସ): ଅତ୍ୟନ୍ତ ବେଫିକର ଭାବେ ଦିନରାତି ଚାଲିଥିଲା ମଦ ବେପାର । ରାସ୍ତାରେ ଝିଅ ବୋହୂ ଯିବାକୁ ଡରିଲେ । ମଦ ବିକୁଥିବା ଚୋରା ବେପାରୀକୁ ଚେତାବନୀ ବି ଦେଇଥିଲେ । ମାତ୍ର କିଛି ପରିବର୍ତ୍ତନ ନ ହୋଇ ମଦ ବେପାର ଚାଲିବାରୁ ଆଜି ସନ୍ଧ୍ୟାରେ ମହିଳାମାନେ ଏକାଠି ହୋଇ ମଦ ବିକ୍ରି ହେଉଥିବା କେବିନକୁ ଭାଙ୍ଗିଦେଲେ । ମହିଳା ସଶକ୍ତିକରଣର ଏହି ସାହସୀ ପଦକ୍ଷେପକୁ ପ୍ରଶଂସା କରାଯାଇଥିବାବେଳେ ପୁଲିସ ଓ ଅବକାରୀ ବିଭାଗର ଅସଲ ମୁଖା ଖୋଲିଛି ।

ରାଜକନିକା ଗଞ୍ଜା ଗ୍ରାମର ଜଣେ ଚୋରା ମଦ ବେପାରୀ ଗତ ଦୁଇବର୍ଷ ହେବ ନହୁଲିଆ ଛକରେ କପିଳ ଭୂୟାଁଙ୍କ କେବିନ ଭଡା ନେଇ ଚୋରା ଦେଶୀ ମଦ ବିକି ଆସୁଥିଲେ । ଖୋଲାମେଲାରେ ଦିନରାତି ମଦ ବିକ୍ରି ହେବାରୁ ଏଠାରେ ମଦୁଆଙ୍କ ଉତ୍ପାତ ସୀମା ଟପିଛି । ମଦର ଦାଉରୁ ପିଲା ପରିବାରକୁ ବଞ୍ଚାଇବା ପାଇଁ ପୋରଳ ଗ୍ରାମର ମହିଳା ପୁଲିସ ଓ ପ୍ରଶାସନ ଉପରୁ ଭରସା ତୁଟାଇ ଆଜି ସନ୍ଧ୍ୟାରେ ଚୋରା ମଦ ବିକ୍ରି ହେଉଥିବା କେବିନକୁ ଭାଙ୍ଗି ଦେଇଛନ୍ତି । ଏମିତି ଘଟଣା ଘଟିଛି ରାଜକନିକା ଥାନା ନହୁଲିଆ ଛକରେ । ସିଂହପୁର-ଜୟନଗର ଏନଏଚ ୨୦ ରାସ୍ତା କଡ଼ରେ କନିକାର ପ୍ରବେଶପଥ ନହୁଲିଆ ଛକରେ ମଦବିକୁଥିବା ଚୋରାବେପାରୀକୁ ମହିଳାମାନେ ଘେରଉ କରିରଖିଛନ୍ତି । ସମ୍ପୃକ୍ତ ଚୋରା ବେପାରୀ ଜଣକ ଏହି କେବିନ କପିଳ ଭୂୟାଁଙ୍କଠାରୁ ଭଡା ସୂତ୍ରରେ ଆଣିଥିବା ଏକ ଏଗ୍ରିମେଣ୍ଟ ଦେଖାଉଥିବାବେଳେ ସରକାରୀ ଜାଗା ଜବରଦଖଲ କରି କିଏ କାହାକୁ କ'ଣ ପାଇଁ ଓ କେମିତି ଏଗ୍ରିମେଣ୍ଟ କଲା ବୋଲି ମହିଳାମାନେ ଜିଦ କରି ରହିଛନ୍ତି । ତେବେ ଦୀର୍ଘ ସମୟ ଧରି ଏହି ରାସ୍ତା କଡ଼ ପ୍ରମୁଖ ଛକରେ ମହିଳାଙ୍କ ମଦ ବିରୋଧୀ ହଙ୍ଗାମା ଜାରି ରହିବା ବେଶ ସାମାଜିକ ସଚେତନତା ଆଣିଛି ।

---

# ମଦନପୁର ପୁଣ୍ୟତୋୟା ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ



ପଟ୍ଟାମୁଣ୍ଡାଇ,୧୯।୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ମଦନପୁର ପୁଣ୍ୟତୋୟା ବିଦ୍ୟାମନ୍ଦିରର ୨୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ସୁଜାତା ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପ୍ରଫେସର ଡ. ରମେଶ ଚନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଭବିଷ୍ୟତ ପିଢ଼ିର ସ୍ୱର୍ଣ୍ଣିମ ସ୍ୱାକ୍ଷର କୁନି କୁନି ପିଲାଙ୍କ ବୌଦ୍ଧିକ ବିକାଶ ଦିଗରେ ପିତାମାତା ଓ ଶିକ୍ଷକଶିକ୍ଷୟିତ୍ରୀ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ରାଜ୍ୟ ଲୋକାୟୁକ୍ତ କାର୍ଯ୍ୟାଳୟର ଅତିରିକ୍ତ ନିର୍ଦ୍ଦେଶିକା ବିଜୟାଲକ୍ଷ୍ମୀ ଜେନା ମୁଖ୍ୟବକ୍ତା ଭାବେ ଯୋଗ ଦେଇ କୋମଳମତି ଶିଶୁଙ୍କୁ ଉତ୍ତମ ଶିକ୍ଷା ସହ ସଂସ୍କାର ପ୍ରଦାନ କରି ଭଲ ମଣିଷ ଭାବେ ଗଢି ତୋଳିବାକୁ ପରାମର୍ଶ ଦେଇଥିଲେ । ପ୍ରାଧ୍ୟାପକ ଶୁଭକାନ୍ତ ନାୟକ, ଉତିକଣ ଚାଷୀମୂଳିଆ ସଂଘ ଆବାହକ ଭାସ୍କର ରାଉତରାୟ ଓ ସୁଧୀର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏ ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶେଷରେ ପୁଣ୍ୟତୋୟା ନାୟକ ଧନ୍ୟବାଦ ଦେଇଥିଲେ । ପୁଣ୍ୟତୋୟା ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବର ପ୍ରଥମ ଦିବସରେ ପିତୃମାତୃ ପୂଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଅଧ୍ୟକ୍ଷା ସୁଜାତା ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ପିତୃମାତୃ ପୂଜନ କାର୍ଯ୍ୟକ୍ରମରେ କବି ହେମନ୍ତ ରାଉତ, ପ୍ରାଧ୍ୟାପକ ଶୁଭକାନ୍ତ ନାୟକ, ନାଟ୍ୟକାର ଗଣେଶ ରାଉତ, ଉତିକଣ ଚାଷୀ ମୂଳିଆ ଆବାହକ ଭାସ୍କର ରାଉତରାୟ, ବିଦ୍ୟାମନ୍ଦିର ଏମଡି ଆଲୋକ ମହାନ୍ତି ଓ ପରିଚାଳନା କମିଟି ସଭାପତି ଅଭୟ ପରିଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

## ସମାଜସେବୀଙ୍କ ପରଲୋକ



ଡେରାବିଶ,୧୯।୨(ସମିସ): ଦାନପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ଗ୍ରାମର ସମାଜସେବୀ ପ୍ରଭାତ ପଣ୍ଡା (୮୦)ଙ୍କ ଗତକାଲି ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ପଣ୍ଡା ତାଙ୍କ ଚାଷଜମିରେ ବୈଜ୍ଞାନିକ ପ୍ରଣାଳୀରେ ଚାଷ କରି ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ନିକଟରେ ଆଦର୍ଶ ପାଲଟିଥିବାବେଳେ ବହୁ କୃଷି ଶ୍ରମିକଙ୍କ ପରିବାର ପ୍ରତିପୋଷଣରେ ପରୋକ୍ଷରେ ସହଯୋଗ କରୁଥିଲେ । ଭାଇ ଶିଳ୍ପପତି ପ୍ରକାଶ ପଣ୍ଡା ଓ ପ୍ରତିଷ୍ଠିତ ବ୍ୟବସାୟୀ ପ୍ରମୋଦ ପଣ୍ଡାଙ୍କ ସମେତ ଅନ୍ୟ ଭାଇ, ଭାଇବୋହୂ, ଝିଅଜ୍ୱାଇଁ ଶେଷକୃତ୍ୟରେ ଯୋଗ ଦେଇଥିଲେ । ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁଅ ଇଂ ପ୍ରତାପ ରଞ୍ଜନ ମୁଖାଗ୍ନି ଦେଇଥିଲେ ।

## ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ; ୨ ମହିଳା ଆହତ

କେନ୍ଦ୍ରାପଡ଼ା,୧୯।୨(ସମିସ): ମହିପାଳ ଅଞ୍ଚଳରେ ଗ୍ୟାସ ସିଲିଣ୍ଡର ଲିକ ହେବାରୁ ଘଟିଥିବା ଅଗ୍ନିକାଣ୍ଡ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି । ଅଗ୍ନିକାଣ୍ଡରେ ଘରର ବହୁ



ଆସବାବପତ୍ର ପୋଡ଼ି ନଷ୍ଟ ହୋଇଥିବାବେଳେ ଦୁଇଜଣ ମହିଳା ଗୁରୁତର ଭାବେ ଆହତ ହୋଇଛନ୍ତି । ଆହତ ମହିଳା ଘର ମାଲିକାଣୀ ଜମାଲା ଫିର୍ଦ୍ଦୋସ ଓ ତାଙ୍କୁ ଉଦ୍ଧାର କରିବାକୁ ଯାଇଥିବା ପଡୋଶୀ ଅଫସନା ବିବି । ଉଭୟଙ୍କୁ ତୁରନ୍ତ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପରେ ଜମାଲାଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଜମାଲାଙ୍କ ଘରେ ରୋଷେଇ କାମ ଚାଲିଥିବା ସମୟରେ ହଠାତ୍ ଗ୍ୟାସ ସିଲିଣ୍ଡରରୁ ଲିକ ହୋଇ ନିଆଁ ଲାଗିଥିଲା । ଦେଖୁଦେଖୁ ନିଆଁ ଘର ଭିତରେ ଥିବା ଆସବାବପତ୍ରକୁ ବ୍ୟାପିଯାଇଥିଲା । ସେ ସମୟରେ ଜମାଲା ଘର ଭିତରେ ଫସି ରହିଯାଇଥିଲେ । ତାଙ୍କ ଚିତ୍କାର ଶୁଣି ପଡୋଶୀ ଅଫସନା ବିବି ନିଜ ଜୀବନକୁ ବାଜି ଲଗାଇ ଉଦ୍ଧାର କରିବାକୁ ଘର ଭିତରକୁ ଯାଇଥିଲେ । ସେ ମଧ ନିଆଁରେ ପୋଡ଼ି ଆହତ ହୋଇଥିଲେ । ଖବର ପାଇ ସ୍ଥାନୀୟ ଲୋକ ଅଗ୍ନିଶମ ବିଭାଗକୁ ସୂଚନା ଦେବା ସହ ପାଣି ପକାଇ ନିଆଁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲେ । ପରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଦୁଇ ମହିଳାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ ।

## କଳିଙ୍ଗ ଆବାସିକ ବିଦ୍ୟାଳୟ ୩ ଛାତ୍ରଛାତ୍ରୀଙ୍କ ସଫଳତା

ଡେରାବିଶ,୧୯।୨(ସମିସ): ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥ କଳିଙ୍ଗ ଆବାସିକ ବିଦ୍ୟାଳୟର ଜଣେ ଛାତ୍ର ଓ ଦୁଇଜଣ ଛାତ୍ରୀ ପଞ୍ଚମ ଶ୍ରେଣୀ ବୃତ୍ତି ପାଇ ବିଦ୍ୟାଳୟର ଗୌରବ ଆଣି ଦେଇଛନ୍ତି । ଚଳିତ ବର୍ଷ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କଳିଙ୍ଗ ଆବାସିକ ବିଦ୍ୟାଳୟରେ ପରୀକ୍ଷା ଦେଇଥିବା ବିଭୁପ୍ରସାଦ ଦାଶ, ଦେବଯାନୀ ଭୂୟାଁ ଓ ସାଇ ଗାୟତ୍ରୀ ମଲିକ ଏହି ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏ ଉପଲକ୍ଷେ ବିଦ୍ୟାଳୟ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇ ତିନିଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।

---

କିଣିଲୋର ପୁରାତନ ହରିହାଟ ଉତ୍ସବ

# ଛଦ୍ମବେଶ ଓ ସଂକୀର୍ତ୍ତନରେ ଭକ୍ତିମୟ ପରିବେଶ

ଗରଦପୁର,୧୯।୨(ସମିସ):









କେନ୍ଦ୍ରାପଡ଼ା ଜିଲ୍ଲାର ଗରଦପୁର ବ୍ଲକ ଅନ୍ତର୍ଗତ କିଣିଲୋ ଗ୍ରାମର ବହୁ ପୁରାତନ ହରିହାଟ ଉତ୍ସବ ଏବେ ଏକ ନିଜସ୍ୱ ପରମ୍ପରା ଓ ଆଧ୍ୟାତ୍ମିକ ପରିଚୟ ସୃଷ୍ଟି କରିଛି । ଭକ୍ତି, ସଂସ୍କୃତି ଓ କଳାର ଏକ ସୁନ୍ଦର ସମନ୍ୱୟ ଭାବେ ପରିଚିତ ଏହି ଉତ୍ସବ ଚଳିତବର୍ଷ ମଧ ଭବ୍ୟ ଓ ଆକର୍ଷଣୀୟ ଭାବେ ପାଳିତ ହୋଇଛି । ଉତ୍ସବର ପ୍ରମୁଖ ଆକର୍ଷଣ ଥିଲା କଳାକାରଙ୍କ ଛଦ୍ମବେଶ ପ୍ରଦର୍ଶନ । କୁନି କୁନି ଶିଶୁଙ୍କଠାରୁ ଆରମ୍ଭ କରି ବରିଷ୍ଠ କଳାକାର ପର୍ଯ୍ୟନ୍ତ ବିଭିନ୍ନ ପୌରାଣିକ, ସାମାଜିକ ଓ ପ୍ରାକୃତିକ ଚରିତ୍ରରେ ସଜ୍ଜିତ ହୋଇ ନିଜ ପ୍ରତିଭାର ପରିଚୟ ଦେଇଥିଲେ । ବସୁଦେବ, ଯମରାଜ, ମା' କାଳୀ, ଭଗବାନ ଶିବ, ଶ୍ରୀକୃଷ୍ଣ, ଚକୁଳିଆ ପଣ୍ଡା, ଫୁଲବାଲି, ବାଘବାଘୁଣୀ, ଭାଲୁ, ଜୋକର ଓ ଷଣ୍ଢ ଭଳି ବିଭିନ୍ନ ଭୂମିକାରେ କଳାକାରମାନେ ନିଜକୁ ସଜାଇ ଦର୍ଶକଙ୍କୁ ଆକର୍ଷିତ କରିଥିଲେ ।

ଘଣ୍ଟ, ଲଉଡ଼ି, ନାମ ସଂକୀର୍ତ୍ତନ ଓ ବିଭିନ୍ନ ବାଦ୍ୟଯନ୍ତ୍ରର ଧ୍ୱନିରେ ପୂରା ଅଞ୍ଚଳ ଭକ୍ତିମୟ ପରିବେଶରେ ପ୍ରକମ୍ପିତ ହୋଇଥିଲା । ସାତଦିନ ବ୍ୟାପୀ ଚାଲିଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପ୍ରଥମେ ବାସୁଦେବ ଗୋସେଇଁଙ୍କ ନୂତନ ମନ୍ଦିର ପ୍ରତିଷ୍ଠା, ପଞ୍ଚମୁଖୀ ହନୁମାନଙ୍କ ନିକଟରେ ବିଶ୍ୱଶାନ୍ତି ମହାଯଜ୍ଞ, ବୃଷଭଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଓ ଅଷ୍ଟପ୍ରହର ନାମଯଜ୍ଞ ଆୟୋଜିତ ହୋଇଥିଲା । ଶେଷ ଦିନ ହରିହାଟ ଉତ୍ସବ ଅନୁଷ୍ଠିତ ହୋଇ ଭକ୍ତଙ୍କୁ ଆଧ୍ୟାତ୍ମିକ ଆନନ୍ଦରେ ଭିଜାଇଦେଇଥିଲା । ଛଦ୍ମବେଶ ପ୍ରତିଯୋଗିତାରେ ଭାଗ ନେଇଥିବା କଳାକାରଙ୍କୁ ବିଚାରକ ମଣ୍ଡଳୀ ଦ୍ୱାରା ମୂଲ୍ୟାୟନ କରାଯାଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାରୀଙ୍କୁ ପୁରସ୍କାର ରାଶି ଓ ଟ୍ରଫି ପ୍ରଦାନ କରାଯାଇଥିଲା । ବିଚାରକ ମଣ୍ଡଳୀରେ ପ୍ରବଚକ ତଥା ଶିକ୍ଷାବିତ୍ ସିଦ୍ଧାର୍ଥ ଶେଖର ରାୟ, ନାଟ୍ୟକାର ଶ୍ରୀପତି ଲେଙ୍କା ଓ ସମାଜସେବୀ ରଶ୍ମିରଞ୍ଜନ ମହାନ୍ତି ଥିଲେ । ଏହି ଆଧ୍ୟାତ୍ମିକ ସମାରୋହରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ଗରଦପୁର ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ଜିଲ୍ଲା ବିଜେପି ସମ୍ପାଦକ ମିହିର ସାମଲ, ଯୁବନେତା କ୍ଷୀତିଶ ଦାସ, ସମିତି ସଭ୍ୟ ଦିଲ୍ଲୀପ ସାହୁ, ସରପଞ୍ଚ ଅନୁସୟା ବେହେରାଙ୍କ ସହ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ । ଗ୍ରାମବାସୀଙ୍କ ସକ୍ରିୟ ସହଯୋଗ ଓ ଭକ୍ତଙ୍କ ସମର୍ଥନ ଫଳରେ କିଣିଲୋ ଗ୍ରାମର ହରିହାଟ ଉତ୍ସବ କେବଳ ଧାର୍ମିକ ଆୟୋଜନ ନୁହେଁ, ବରଂ ଏକ ସାଂସ୍କୃତିକ ମହାସମାଗମ ଭାବେ ପରିଚିତ ହୋଇପାରିଛି । ଏହା ଗ୍ରାମୀଣ ପରମ୍ପରା, ଆସ୍ଥା ଓ କଳାର ସୁନ୍ଦର ନମୁନା ଭାବେ ଅଞ୍ଚଳରେ ଏକ ଅଲଗା ପରିଚୟ ସୃଷ୍ଟି କରିଛି ।

